# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 12 November – 2025

*********************************

## ମୁଖ୍ୟ ସମ୍ବାଦ

- ଶିଶୁମାନଙ୍କର ପ୍ରତିଭା ଓ ସୃଜନଶୀଳତାର ବିକାଶ ପାଇଁ ଶିଶୁ ମହୋତ୍ସବ ସୁରଭି ଏକ ମଞ୍ଚ; କହିଲେ ମୁଖ୍ୟମନ୍ତ୍ରୀ
- ଐତିହାସିକ କଟକ ବାଲିଯାତ୍ରାର ଅବଧି ଆସନ୍ତାକାଲି ପର୍ଯ୍ୟନ୍ତ ବୃଦ୍ଧି
- ଦିଲ୍ଲୀ ଆକାଶବାଣୀ କେନ୍ଦ୍ରରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ରେଡିଓ ବାର୍ତ୍ତାକୁ ସ୍ମରଣ କରିବା ପାଇଁ ଆଜି ପାଳନ କରାଯାଉଛି ଲୋକସେବା ପ୍ରସାରଣ ଦିବସ

ଏବଂ

- ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତା ମାସ ୯ ତାରିଖରେ ହେବାକୁ ଥିବା ଭାରତ–ଦକ୍ଷିଣ ଆଫ୍ରିକା ଟି-ଟ୍ୱେଣ୍ଟି ମ୍ୟାଚକୁ ଶୃଙ୍ଖଳିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ

BBSR/R

# ସୁରଭି

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଆଜି ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଶିଶୁମାନଙ୍କର ପ୍ରତିଭା ଏବଂ ସୃଜନଶୀଳତାର ବିକାଶ ପାଇଁ ସୁରଭି ଏକ ପ୍ରକୃତ ମଞ୍ଚ ପ୍ରଦାନ କରିବ।

**- V/O -**

BBSR/R

# ମହକ

ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ମହକ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଗତକାଲି ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇ ଶିଶୁମାନେ କିପରି ଉପଯୁକ୍ତ ମାର୍ଗଦର୍ଶନ ଓ ପରିବେଶ ନିର୍ମାଣର ସୁଯୋଗ ପାଇବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତ୍ୟେକ ଶିଶୁ ମଧ୍ୟରେ ରହିଥିବା ପ୍ରତିଭାର ପରିପ୍ରକାଶ ପାଇଁ 'ମହକ' ଏକ ପ୍ରକୃଷ୍ଟ ମଞ୍ଚ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମିଶନ ବାତ୍ସଲ୍ୟ ସଫଳତା ଉପରେ ଏକ ବୃତ୍ତଚିତ୍ର

ପରିବେଷଣ କରାଯାଇଥିଲା । ଏହାସହିତ ରାଜ୍ୟର ଶିଶୁ ସୁରକ୍ଷା ଯାତ୍ରା ଉପରେ ଆଧାରିତ ଏକ କଫି ଟେବୁଲ ବହିକୁ ଅତିଥିମାନେ ଉନ୍ମୋଚିତ କରିଥିଲେ । ମହିଳା, ଶିଶୁବିକାଶ, ମିଶନ ଶକ୍ତି, ଓଡ଼ିଶା ଶିଶୁ ସୁରକ୍ଷା ସମିତି ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ମହକ କାର୍ଯ୍ୟକ୍ରମ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଚାଲିବ । ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରୁ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ।

Desk

## ବାଲିଯାତ୍ରାର ଗୋଟିଏ ଦିନ ବୃଦ୍ଧି

ଐତିହାସିକ କଟକ ବାଲିଯାତ୍ରାର ଅବଧି ଆସନ୍ତାକାଲି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନକ୍ରମେ ଆଉ ଗୋଟିଏ ଦିନ ବୃଦ୍ଧି କରାଯାଇଛି । ବାଲିଯାତ୍ରା ଆସନ୍ତାକାଲି ଉଦ୍‌ଯାପିତ ହେବ । ବାଲିଯାତ୍ରା ପ୍ରତି ସାଧାରଣ ଲୋକଙ୍କ ଆକର୍ଷଣ ତଥା ମେଳାରେ ବ୍ୟବସାୟୀଙ୍କ କାରବାରକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି । ଏହି ସମ୍ପର୍କରେ ଅଧିକ ସୂଚନା ଦେଇ କଟକ ଅତିରିକ୍ତ ଜିଲ୍ଲାପାଳ ଶିବୋ ଟପୋ କହିଛନ୍ତି...

**- V/O –**

CTC

## ବାଲିଯାତ୍ରା–ରାଜ୍ୟପାଳ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆଜି ଐତିହାସିକ ବାଲିଯାତ୍ରାରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ରାଜ୍ୟପାଳ ମହାନଦୀ ବୋଇତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଦଳକୁ ପୁରସ୍କୃତ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

Desk

## ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଲାଗି ଗତକାଲି ମତଦାନ ଶେଷ ହୋଇଛି । ଆସନ୍ତା ଶୁକ୍ରବାର ଦିନ ଭୋଟ୍‌ଗଣତି ହେବା ସହିତ ଫଳାଫଳ ପ୍ରକାଶ ପାଇବ । ମୋଟ୍ ୨ ଲକ୍ଷ ୪୮ ହଜାର ୨୫୬ ଜଣ ଭୋଟରଙ୍କ ମଧ୍ୟରୁ ୮୧ ଦଶମିକ ୪/୫ ପ୍ରତିଶତ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ସନ୍ତୁଗୋପାଳନଙ୍କ ସୂଚନା ଅନୁସାରେ, ମତଦାନ ପରେ ଇଭିଏମ୍‌ଗୁଡ଼ିକୁ ନୂଆପଡ଼ା ନ୍ୟାସନାଲ କଲେଜ ଷ୍ଟ୍ରଙ୍ଗରୁମ୍‌ରେ ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି ।

ଗତକାଲିର ମତଦାନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଥିଲା । ୩୫୮ଟି ମତଦାନ କେନ୍ଦ୍ରରେ ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯାଇଥିଲା । ମାଓ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା । ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀଙ୍କ

ସମେତ ବିଭିନ୍ନ ରାଜନୈତିକ ଦଳର ୧୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି ।

Desk

# ପବ୍ଲିକ ସର୍ଭିସ ବ୍ରଡକାଷ୍ଟିଂ ଡେ

ଲୋକସେବା ପ୍ରସାରଣ ଦିବସ ଆଜି ପାଳନ କରାଯାଇଛି । ୧୯୪୭ ମସିହାରେ ଦିଲ୍ଲୀର ଆକାଶବାଣୀ ଷ୍ଟୁଡିଓକୁ ମହାତ୍ମା ଗାନ୍ଧୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଇଥାଏ । ଦେଶ ବିଭାଜନ ପରେ ହରିୟାଣାର କୁରୁକ୍ଷେତ୍ରରେ ଅସ୍ଥାୟୀଭାବେ ବସବାସ କରୁଥିବା ବିସ୍ଥାପିତ ଲୋକମାନଙ୍କୁ ସିଧାସଳଖ ସାକ୍ଷାତ କରିନପାରି ଜାତିର ଜନକ ମହାତ୍ମା ଗାନ୍ଧୀ ଏହି ଦିନ ଦିଲ୍ଲୀ ଆକାଶବାଣୀ କେନ୍ଦ୍ରରୁ ରେଡ଼ିଓ ବାର୍ତ୍ତା ମାଧ୍ୟମରେ ସମ୍ବୋଧିତ କରିଥିଲେ ।

୨୦୦୦ ମସିହାରେ ତତ୍କାଳୀନ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ସୁଷମା ସ୍ୱରାଜ ପ୍ରତିବର୍ଷ ନଭେମ୍ବର ୧୨ ତାରିଖକୁ ଲୋକସେବା ପ୍ରସାରଣ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲେ । ସେବେଠାରୁ ପ୍ରତିବର୍ଷ ଆକାଶବାଣୀ ପକ୍ଷରୁ ଏହି ଦିବସ ପାଳନ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ । ଗାନ୍ଧିଜୀଙ୍କ ପ୍ରିୟ ଭଜନ ପରିବେଷଣ କରାଯାଇଥାଏ । ୨୦୨୩ ମସିହା ମାର୍ଚ୍ଚ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ କି ବାତ୍‌ର ୧୦୦ତମ ସଂସ୍କାରଣ ଅବସରରେ ଆକାଶବାଣୀ ମହାତ୍ମା ଗାନ୍ଧୀ ଯେଉଁ ଷ୍ଟୁଡିଓରୁ ତାଙ୍କର

ଐତିହାସିକ ବାର୍ତ୍ତା ପ୍ରଦାନ କରିଥିଲେ ତାକୁ 'ବାପୁ' ଷ୍ଟୁଡିଓ ଭାବେ ନାମିତ କରାଯାଇଛି । ସେଠାରେ ବାପୁଜୀଙ୍କ ଭାଷଣର ରେକର୍ଡ଼ିଂ, ପ୍ରାର୍ଥନା ସଭାର ଅଂଶ, ତାଙ୍କ ଗସ୍ତର ସ୍ମରଣୀୟ ଜିନିଷ ଏବଂ ଐତିହାସିକ ଘଟଣାକୁ ଦର୍ଶାଉଥିବା ଏକ ସ୍ୱତନ୍ତ୍ର ଫଟୋ ଗ୍ୟାଲେରି ମଧ୍ୟ ରହିଛି ।

BBSR/R

## ବାରବାଟୀ କ୍ରିକେଟ ମ୍ୟାଚ୍

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବାରବାଟୀ ଷ୍ଟାଡିୟମ୍‌ରେ ଡିସେମ୍ବର ୯ ତାରିଖରେ ହେବାକୁ ଥିବା ଟି-ଟ୍ୱେଣ୍ଟି ମ୍ୟାଚ୍ ସୁବ୍ୟବସ୍ଥିତ ଭାବେ ଆୟୋଜନ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ଓଡ଼ିଶା କ୍ରିକେଟ ଆସୋସିଏସନ ଓ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଲୋକସେବା ଭବନରେ ଆଜି ଏ ସଂକ୍ରାନ୍ତାରେ ଏକ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, କ୍ରିକେଟ ଆମ ଦେଶର ଏକ ଲୋକପ୍ରିୟ ଖେଳ। ମ୍ୟାଚ୍ ଆୟୋଜନ ଯେପରି ତ୍ରୁଟିଶୂନ୍ୟ ଭାବେ ପରିଚାଳିତ ହେବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ଦିଲ୍ଲୀରେ ହୋଇଥିବା ବିସ୍ଫୋରଣ ପରିପ୍ରେକ୍ଷୀରେ ଅନ୍ତର୍ଜାତୀୟ କ୍ରୀଡ଼ା ସମୟରେ ଲୋକଙ୍କ ସୁରକ୍ଷା ପ୍ରତି ଏକ ତ୍ରୁଟିଶୂନ୍ୟ ବ୍ୟବସ୍ଥା କରାଯିବା ଲାଗି ଶ୍ରୀ ମାଝୀ ପୁଲିସ୍ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

Desk
***Puri***

## ପ୍ରଥମାଷ୍ଟମୀ ପାଳନ

ମାର୍ଗଶୀର ମାସ ଆଜି କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ପ୍ରଥମାଷ୍ଟମୀ ପାଳନ କରାଯାଉଛି। ଓଡ଼ିଶାର ଏହା ଏକ ପାରମ୍ପରିକ ପର୍ବ। ଏହାକୁ ମଧ୍ୟ ସୌଭାଗିନୀ ଅଷ୍ଟମୀ, କାଳଭୈରବାଷ୍ଟମୀ ବା ପାପନାଶିନୀ ଅଷ୍ଟମୀ କୁହାଯାଇଥାଏ। ପରମ୍ପରା ଅନୁଯାୟୀ ଏହି ଦିନରେ ପରିବାରର ଜ୍ୟେଷ୍ଠ ସନ୍ତାନର ସୁଖସମୃଦ୍ଧି ଓ ଦୀର୍ଘ ଜୀବନ ପାଇଁ ପୂଜାବିଧି ଅନୁଷ୍ଠିତ ହୋଇଥାଏ।

ପୁରୀ ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ଉପଲକ୍ଷେ ଆଜି ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେଉଛି । ମଧ୍ୟାହ୍ନ ଧୂପ ଶେଷ ପରେ ମଙ୍ଗଳାର୍ପଣ ନୀତି ଅନୁଷ୍ଠିତ ହେବ। ଏହାପରେ ଫୁଲୁପୁରିଆ ଖାଦି ଓ ଛେଦା ପ୍ରସାଦ ଲାଗି ହେବା ସହ ବନ୍ଦାପନା କରାଯାଇ ଶ୍ରୀଜୀଉଙ୍କର ପ୍ରଥମାଷ୍ଟମୀ ନୀତି ପାଳିତ ହେବ।

Kendrapara

## ଶ୍ରୀବଳଦେବଜୀଉଙ୍କ ପଢୁଆ ବେଶ

ପ୍ରଥମାଷ୍ଟମୀ ଉପଲକ୍ଷେ ତୁଳସୀ କ୍ଷେତ୍ରର ଆରାଧ୍ୟା ଦେବତା ଶ୍ରୀବଳଦେବଜୀଉଙ୍କୁ ଆଜି ନୂତନ ପାଟବସ୍ତ୍ରରେ ସେବାୟତମାନେ ରତ୍ନ ସିଂହାସନରେ ଲାଗି କରିଛନ୍ତି। ସକାଳ ଧୂପ ଶେଷ ହେବାପରେ ନୂତନ ବସ୍ତ୍ର ଲାଗି କରାଯାଇ ପଢୁଆଁ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଶ୍ରଜୀଉଙ୍କୁ ଏହି ବେଶରେ ଦର୍ଶନ କରିଛନ୍ତି।

Desk

# ମିଶନ ପାୱାର

ଗ୍ରାମ ତଥା ସହରାଞ୍ଚଳରେ ବିଦ୍ୟୁତ୍, ପାନୀୟ ଜଳ ଏବଂ ସଡ଼କ ସଂପର୍କିତ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ମିଶନ ପାୱାର ସମନ୍ୱିତ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏନେଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ନିୟମିତ ଭାବେ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା ପାଇଁ ଏକ ଆନ୍ତଃ ମନ୍ତ୍ରିସ୍ତରୀୟ କମିଟି ଗଠନ ଲାଗି ନିଷ୍ପତ୍ତି ହୋଇଛି । ରାଜ୍ୟର ସମସ୍ତ ସ୍ଥାନରେ ୨୦୨୭ ମସିହା ସୁଦ୍ଧା ବିଦ୍ୟୁତ୍, ରାସ୍ତା ଏବଂ ପାନୀୟ ଜଳ ଯୋଗାଣ ସହ ମିଶନ ପାୱାର, ଗତି ପରିମାଣ ଏବଂ ମାନକ ଉପରେ କାର୍ଯ୍ୟ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ।

Rayagada

# ଶିଶୁ ସୁରକ୍ଷା ତାଲିମ ଶିବିର

ରାୟଗଡ଼ା ପଞ୍ଚାୟତ ସମିତି ସଭାଗୃହଠାରେ ଶିଶୁ ସୁରକ୍ଷା ଓ ବାଲ୍ୟବିବାହ ମୁକ୍ତ ଗ୍ରାମ ପଞ୍ଚାୟତ ସମ୍ପର୍କିତ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିଶୁ ଅଧିକାର ଏବଂ ସେମାନଙ୍କର ସୁସ୍ଥ ଜୀବନ ଆଧାରିତ ବିଭିନ୍ନ ପ୍ରସଙ୍ଗ ଉପରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଛି । ଶିଶୁ ଅଧିକା ଆଇନ ଏବଂ ବାଲ୍ୟବିବାହ ଆଇନ ସମ୍ପର୍କରେ ସଚେତନତା ବୃଦ୍ଧି

ଲକ୍ଷ୍ୟ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ଉପରେ ଏହି ଶିବିରରେ ମତବିନିମୟ ହୋଇଛି।

# ଦୌଡ଼କୁଦ ପ୍ରତିଯୋଗିତା

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆସନ୍ତା ଜାନୁଆରୀ ମାସରେ ଜାତୀୟ ଇନ୍‌ଡୋର୍ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏ ନେଇ ଭାରତୀୟ ଦୌଡ଼କୁଦ ସଂଘ ପକ୍ଷରୁ ସୂଚନା ମିଳିଛି ।

BHK

# ନିଯୁକ୍ତିପତ୍ର ବଣ୍ଟନ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଭଦ୍ରକ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସଂସ୍କୃତି ଭବନଠାରେ ନିଯୁକ୍ତିପତ୍ର ବଣ୍ଟନ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଦକ୍ଷତା ବିକାଶ କେନ୍ଦ୍ର ଓ ଗଣଶିକ୍ଷା ବିଭାଗରେ ଖାଲି ପଡ଼ିଥିବା ପଦବୀ ଲାଗି ଯୁବକ ଯୁବତୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

Desk

# ଓଟିଇଟି ପରୀକ୍ଷା

ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା- ଓଟିଇଟି-୨୦୨୫ ଆସନ୍ତା ଡିସେମ୍ବର ମାସ ୧୭ତାରିଖରେ ଅନୁଷ୍ଠିତ ହେବ । ଏହି ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ହେବ । ଏଥିପାଇଁ

ଆଜିଠାରୁ୨୫ ତାରିଖ ପର୍ଯ୍ୟନ୍ତ ଫର୍ମ ପୂରଣ ହେବ । ପରୀକ୍ଷାର୍ଥୀମାନେ ବୋର୍ଡର ୱେବ୍‌ସାଇଟ୍ **www.bseodisha.ac.in**ରେ ପରୀକ୍ଷା ସଂପର୍କିତ ଅଧିକ ତଥ୍ୟ ପାଇପାରିବେ ।

Ganjam

# ମିତବ୍ୟୟତା ଦିବସ

ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ସଂଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ବିଶ୍ୱ ମିତବ୍ୟୟତା ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ କୀର୍ତ୍ତି ଭାସନ ସ୍ୱଳ୍ପ ସଂଚୟ ଦ୍ୱାରା ଅଧିକ ସଂଚୟ କରିହେବ ବୋଲି ମତବ୍ୟକ୍ତ କରିଥିଲେ ।